# Akashvani, Sambalpur

# SAMBALPURI NEWS MORNING BULLETIN

# 16 October 2026 - 6.47- 6.52 am.

---

ରାଜ୍ୟପାଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଦାୟୀ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟିଙ୍କୁ ଗଲାକାଏଲ୍ ଲୋକଭବନ୍ ପରିସର୍ ନ କର୍ମଚାରୀଙ୍କର୍ ତର୍‌ଫୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଓଡ଼ିଶା ନ ପାଖାପାଖି ବଛରେ ୯ ମାସ୍ କାର୍ଯ୍ୟକାଲ୍ ସମିଆ ଭିତ୍‌ରେ ମିଳିଥିବା ସହଯୋଗ୍ ଆଉ ସମର୍ଥନ୍ ଲାଗି ରାଜ୍ୟପାଲ୍ କୃତଜ୍ଞତା ଜନେଇଛନ୍ । ସେଆଡ଼େ ପର୍‌ଦିନ ଓଡ଼ିଶାର୍ ନୂଆଁ ରାଜ୍ୟପାଲ୍ ଭାବେ ବ୍ରଜମୋହନ୍ ରାମ୍ ଶପଥ୍ ନେବେ । ଇଥିର୍‌ଲାଗି ଆଏବା କାଏଲ୍ ସେ ଓଡ଼ିଶା ପୁହୁଁଚିବେ ।

ମୁଖ୍ୟମନ୍ତ୍ରୀ-ଏସୀୟ କ୍ରୀଡ଼ା ଆର୍‌ଏନ୍‌ୟୁ/ ସମ୍ବଲପୁର

ଏସୀୟ କ୍ରୀଡ଼ାଥି ସ୍ୱର୍ଣ୍ଣପଦକ୍ ଜିତିଥିବା ଭାରତୀୟ ମହିଳା ଆଉ ପୁରୁଷ ହକି ଦଲ୍‌କେ ଆଏଜ୍ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ସମ୍ବର୍ଦ୍ଧିତ୍

କରାଯିବା । ସଞ୍ଜବେଳା ୫ ବଜେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍ ନ ହେବାରକେ ଥିବା ସମ୍ବର୍ଦ୍ଧନା ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ସ୍ୱର୍ଣ୍ଣପଦକ୍ ବିଜେତା ଖେଲାଲିମାନ୍କର୍ ସାଙ୍ଗେ ଭାବ୍ ବିନିମୟ କର୍ବେ ।

ଓଡ଼ିଶା ହାଇକୋର୍ଟରେ ଦଶ୍ରା ଛୁଟି ଆର୍ଏନ୍ୟୁ/ ସମ୍ବଲପୁର

ଓଡ଼ିଶା ହାଇକୋର୍ଟରେ ଦଶ୍ରା ଛୁଟି ଆଏବା ସୋମ୍ବାର୍ ଦିନୁ ମୁଲ୍ ହେବା । ଆଏବା କାଏଲ୍ ଆର୍ ପର୍ଦିନ ଶନିବାର୍ ଆର୍ ରଏବାର୍ ଥିବାର୍ନୁ କୋର୍ଟ ବନ୍ଦ୍ ରହେବା । ହେଥିର୍ଲାଗି ଆଏଜ୍ ଦଶ୍ରା ଆଗର୍ ଶେଷ୍ କାର୍ଯ୍ୟଦିବସ୍ ରହିଛେ । ଛୁଟି ଉତ୍ରୁ ଆଏବା ୨୭ ତାରିଖ୍ ଦିନ କୋର୍ଟ ଖୁଲ୍ବା । ଛୁଟି ସମିଆ ଭିତ୍ରେ ଖାଲି ୨୩ ତାରିଖ୍ ଦିନ ଅବକାଶ ଅଦାଲତ୍ ବସ୍ବା ବଲି ହାଇକୋର୍ଟ ତର୍ଫୁ ସୂଚ୍ନା ଦିଆଯାଇଛେ ।

ରାଜସ୍ୱମନ୍ତ୍ରୀ- ସମୀକ୍ଷା ଆଇ ଆଣ୍ଡ୍ ପି.ଆର୍

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ଇ ବଛରର୍ ବନ୍ୟା ନୁକ୍‌ସାନ୍‌ର ଚୂଡ଼ାନ୍ତ ଆକଲନ୍ ଆଉ କ୍ଷତିପୂରଣ୍ ଦେବାର୍ ବାବ୍‌ଦେ ସମୀକ୍ଷା କରିଛନ୍ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍, ଇ ବଛ୍‌ରର୍ ଲଘୁଚାପ୍ ଆଉ ଅବପାତ୍‌ଥି ରାଜ୍ୟର୍ ୨୮ ଟା ଜିଲ୍ଲା ନ କ୍ଷୟକ୍ଷତି ହେଇଛେ । କ୍ଷତିପୂରଣ୍ ଲାଗି ରାଜ୍ୟ ସର୍‌କାର୍ ହଜାରେ କୋଟି ଟଙ୍କାର୍ ପେକେଜ୍ ଘୋଷ୍‌ନା କରିଥିଲେ । କ୍ଷତିପୂରଣ୍ ବାବ୍‌ଦେ ସ୍ୱତନ୍ତ୍ର ରିଲିଫ୍ କମିଶନର୍‌ଙ୍କର୍ ତର୍‌ଫୁ ୨ ଶହ ୮୮ କୋଟିନୁ ଅଏତ୍‌କା ଟଙ୍କା ଦିଆଯାଇଥିଲା । ଭିନ୍ ଭିନ୍ ଜିଲ୍ଲା ନ କେତେଦୂର୍ କ୍ଷତିପୂରଣ୍ ବଂଟାଯାଇଛେ, ସେ ବାବ୍‌ଦେ ଜିଲ୍ଲାପାଲ୍ ଆଉ ଅଧିକାରୀମାନ୍‌କର୍ ସାଙ୍ଗେ ମନ୍ତ୍ରୀ ଆଲୋଚନା କରିଛନ୍ । ଅକ୍ଟୋବର୍ ୧୦ ତାରିଖତକ୍ ସବୁ ଜାଗା ନ କ୍ଷତିପୂରଣ୍ ପୁହୁଁଚାବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଥିଲା ଆଉ ଆଏବା ରଏବାର୍‌ତକ୍ ବାକିଥିବା ଲୁକ୍‌କୁ ନୁକ୍‌ସାନ୍ ଭର୍‌ନା ଦେବାର୍ କାମ୍ ଶେଷ୍ କର୍‌ବାର୍‌କେ ମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ ।

ଗୃହ, ନଗର୍ ଉନ୍ନୟନ୍ ବିଭାଗ ବୈଠକ୍ ଆଇ ଆଣ୍ଡ ପି.ଆର୍

ଦୁର୍ଗାପୂଜା ସମିଆଥି ସହର୍ ମାନ୍‌କେ ସଫା ସୁରକ୍ଷିତ୍ ଆଉ ଭଲ୍ ବ୍ୟବସ୍ଥା କର୍‌ବାର୍ ସହେତେ ଗୁଟେ ସୁସ୍ଥ ପରିବେଶ୍ ଯୁଗେଇ ଦେବାର୍ ଲାଗି ଗୃହ ଆଉ ନଗର୍ ଉନ୍ନୟନ୍ ବିଭାଗ୍‌ର ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ବିଭାଗ୍‌ର ମନ୍ତ୍ରୀ ଡାକ୍ତର୍ କୃଷ୍ଣଚନ୍ଦ୍ର ମହାପାତ୍ର ଆଭାସୀ ଜରିଏ ବୈଠକ୍‌ଥି ଅଧ୍ୟକ୍ଷତା କରିକରି ସହରର୍ ପୌରାଂଚଲ୍ ମାନ୍‌କର୍ ପ୍ରସ୍ତୁତିର୍ ନିୟମିତ୍ ତଦାରଖ୍, ସମିଆ ଜାନି ପଦକ୍ଷେପ୍ ଆଉ ଦାୟିତ୍ୱ ତୁଲାବାର୍ ଉପ୍‌ରେ ଜୋର୍ ଦେଇଥିଲେ । ପୂଜା ସମିଆଥି ସହର୍‌ମାନ୍‌କୁ ସଫାସୁତ୍‌ରା ରଖିକରି ପରିମଲ୍ ବ୍ୟବସ୍ଥା ସୁନିଶ୍ଚିତ୍ କର୍‌ବାର୍‌କେ ମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ ।

ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଆଉ ଛତିଶ୍‌ଗଡ୍ ଭିତ୍‌ରେ ମହାନଦୀ ଜଲ୍ ବଂଟନ୍ ଲାଗି ଗୁଟେ ସୂତ୍ର ବାହାର୍ କର୍‌ବାର୍‌କେ କେନ୍ଦ୍ରୀୟ ଜଳ ଆୟୋଗ୍ କେ

ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ୍ ଆଉ କିଛି ସମିଆ ଦେଇଛନ୍ । ତାର୍ ଉତ୍ରୁ ମାମ୍ଲାର୍ ଶୁଣାଣି ଆଏବା ୨୬ ତାରିଖ୍ ଦିନ କର୍ବାର୍କେ ସ୍ଥିର୍ ହେଇଛେ । ମହାନଦୀ ଜଳ ବିବାଦ୍ ଟ୍ରିବ୍ୟୁନାଲ୍ ଅଧ୍ୟକ୍ଷା ବେଲା ଏନ୍.ତ୍ରିବେଦୀଙ୍କର୍ ନେତୃତ୍ୱଥି ଗଲାକାଏଲ୍ ହେଇଥିବା ଶୁଣାଣି ସମିଆଥି ଓଡ଼ିଶା ଆଉ ଛତିଶ୍ଗଡ୍ ଏ.ଜି.ଙ୍କର୍ ତର୍ଫୁ ଆଲୋଚନାର୍ ଅଗ୍ରଗତି ବାବ୍ଦେ ସୂଚ୍ନା ଦିଆଯାଇଥିଲା ।

ଶିମିଳିପାଲ୍ ଜାତୀୟ ଉଦ୍ୟାନ୍ ଆର୍ଏନ୍ୟୁ/ ସମ୍ବଲପୁର

ଶିମିଳିପାଲ୍ ଜାତୀୟ ଉଦ୍ୟାନ୍ ଆଏବା ୧ ତାରିଖ୍ନୁ ପର୍ଯ୍ୟଟକ୍ ମାନ୍କର୍ ଲାଗି ଖୁଲାଯିବା । ଇ ବଛର୍ ବର୍ଷା ଲାଗି ଶିମିଳିପାଲ୍ ନ ରାସ୍ତାଘାଟ୍ ଖରାପ୍ ହେଇଯାଇଥିଲା । ବର୍ଷା ଛାଡ୍ବାର୍ ଉତ୍ରୁ ମରାମତି କାମ୍ କରାଯାଇଥିଲା । ମରାମତି କାମ୍ ସର୍ବାର୍ ଉତ୍ରୁ ୧ ତାରିକ୍ନୁ ଜାତୀୟ ଉଦ୍ୟାନ୍ ଖୁଲ୍ବାର୍ ଲାଗି ଧାରିଜ୍ କରାଯାଇଛେ ବଲି ଶିମିଳିପାଲ୍ ବ୍ୟାଘ୍ର ସଂରକ୍ଷଣ୍ ପ୍ରକଳ୍ପର୍ କ୍ଷେତ୍ର ନିର୍ଦ୍ଦେଶକ୍ଙ୍କର୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ବିଶ୍ୱ ଖାଦ୍ୟ ଦିବସ୍        ଆର୍‌ଏନ୍‌ୟୁ/ କଟକ୍

ସମସ୍ତଙ୍କର୍ ଲାଗି ଖାଦ୍ୟ ନିରାପତାର୍ ଗୁରୁତ୍ୱକେ ଉପଲବ୍ଧି କରିକରି ଫି' ବଛର୍ ଆଝିର୍ ଦିନ୍‌କେ ବିଶ୍ୱ ଖାଦ୍ୟ ଦିବସ୍ ଭାବେ ପାଲନ୍ କରାଯାଉଛେ । କ୍ଷୁଧା ନିବାରଣ୍‌କେ ନଜର୍‌ଥି ରଖିକରି ସର୍‌କାରୀସ୍ତର୍‌ଥି ନିଆଯାଇଥିବାର୍ ବହୁତ୍‌ଟେ ପଦକ୍ଷେପ୍ ବାବ୍‌ଦେ ଜନସଚେତନତା ବଢ଼ାବାର୍ ଇ ଦିବସ୍‌ର ଉଦ୍ଦେଶ୍ ଆଏ । ବିଶ୍ୱ ଖାଦ୍ୟ ଦିବସ୍‌ର ଇ ବଛ୍‌ରର୍ ବାର୍ତା ରଖାଯାଇଛେ 'ଆଏଜ୍ ନୂତନତ୍ୱ ଆନିକରି- ଆଏବା କାଏଲ୍‌କେ ସମୃଦ୍ଧ କର୍‌ମା' ।

ବିଶ୍ୱ ମେରୁଦଣ୍ଡ ଦିବସ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ମେରୁଦଣ୍ଡ ସ୍ୱାସ୍ଥ୍ୟକେ ତହଁକାବାର ଲକ୍ଷ୍ୟଥି ଆଏଜ୍ ବିଶ୍ୱ ମେରୁଦଣ୍ଡ ଦିବସ୍ ପାଳନ୍ କରାଯାଉଛେ । ଇ ବଛର୍ ଇ ଦିବସ୍‌ର ବିଷୟବସ୍ତୁ ରହିଛେ 'ଜୀବନ୍ ଲାଗି ମେରୁଦଣ୍ଡର୍ ସଠିକ୍ ଅବସ୍ଥା' । ମେରୁଦଣ୍ଡ ରୋଗ୍ ଆଉ ଅକ୍ଷମତାକେ ଦୁର୍ କର୍‌ବାର ଲାଗି ଇ ବଛର୍ ବାର୍ତାଥି ଜୋର୍ ଦିଆଯାଇଛେ ।

ସ୍ୱତନ୍ତ୍ର ଟାସ୍କଫୋର୍ସ ବୈଠକ            କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ନ ଶିଶୁ ଶ୍ରମ ମୁକ୍ତ ପଂଚାୟତ ସ୍ୱତନ୍ତ୍ର ଅଭିଯାନ୍ ଥି ଜିଲ୍ଲାସ୍ତରୀୟ ଶିଶୁ କିଶୋର ଶ୍ରମ ନିଷେଧ ଆଉ ନିୟନ୍ତ୍ରଣ ସଚେତନତା ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର ଟାସ୍କଫୋର୍ସ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ପଂଚାୟତ୍‌ମାନ୍‌କୁ ଶିଶୁ ଶ୍ରମିକ ମୁକ୍ତ କର୍‌ବାର୍ ଦିଗେ ବର୍‌କସ୍ ପଦକ୍ଷେପ୍ ନେବାର୍‌କେ ଆଲୋଚନା ହେଇଥିଲା । ଅତିରିକ୍ତ ଜିଲ୍ଲାପାଲ୍ ତନ୍ମୟ କୁମାର୍ ଦର୍‌ୱାନ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଜିଲ୍ଲା ଆଉ ପୁଲିସ୍ ବିଭାଗ୍‌ର ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨୫ ତାରିଖ୍ ବେଲ୍‌କେ ବଙ୍ଗୋପ୍ ସାଗର୍ ନ ଗୁଟେ ଲଘୁଚାପ୍ ସୃଷ୍ଟି ହେଇପାରେ । ଇତାର୍ ପ୍ରଭାବ୍‌ଥି ଓଡ଼ିଶା ଆଉ ଆନ୍ଧ୍ରପ୍ରଦେଶ୍ ସମୁଦ୍ର ଖଁଡ଼ି ଇଲାକା ମାନ୍‌କେ ବର୍ଷା ହେଇପାରେ ।

୨୨ ନୁ ୨୮ ତାରିଖ୍ ଭିତ୍‌ରେ ଦେଶର୍ ପୂର୍ବ ଭାଗର୍ ସମୁଦ୍ର ଖଁଡ଼ି ଇଲାକାମାନ୍‌କେ ଜାଗା ନ ଭଲ୍ ବର୍ଷା ହେବା ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତରଫୁ ପୂର୍ବାନୁମାନ୍ କରାଯାଇଛେ । ୧୫ ନୁ ୨୧ ତାରିଖ୍ ଭିତ୍‌ରେ ଓଡ଼ିଶା ନ ବର୍ଷା ନାଇଁନ ବଲି ବିଭାଗ୍ ତରଫୁ କୁହାଯାଇଛେ ।